The Odisha Gazette

EXTRAORDINARY
PUBLISHED BY AUTHORITY

No.4598, CUTTACK, MONDAY, OCTOBER 27, 2025/KARTIKA 5, 1947

DEPARTMENT OF AGRICULTURE & FARMERS' EMPOWERMENT

NOTIFICATION

The 27th October, 2025

No.23685─DAFE-SPII-MISC-0027/2025/A&FE.─ The State Cabinet in their 29th meeting held on dated 25th October, 2025 have approved the scheme "Crop Diversification Programme".

Introduction

The Crop Diversification Programme (CDP) is a flagship programme of the Government of Odisha, operative since FY 2022–23 under the State Sector Scheme. The programme provides incentive to support farmers shifting to non-paddy crops, aiming to mitigate risks and improve adoption. The scheme has been successfully implemented in last 3 years with an outreach benefits extended to about 10 lakh farmers. Taking a cue from the success and experiential learning, now it has been focused to increase the area under non-paddy crop as well as the area under indigenous aromatic paddy having market/export potential in the state and also to cover more area under Rice Fallow Management to have optimum & effective utilization of land & water resources.

The scheme has three major components.

- Crop Diversification Programme in Mega Lift Irrigation Projects (CDP-MLIP)
- Promotion of Indigenous aromatic/non-aromatic paddy having export potential/ local market (Aromatic rice)
- Comprehensive Rice Fallow Management (CRFM)

CDP-MLIP component targets the ayacuts of Mega Lift Irrigation Projects to promote sustainable and profitable cropping patterns, reducing over-dependence on paddy.It will be implemented through a cluster-based approach.

This programme also aims to revive and promote traditional indigenous aromatic and non-aromatic paddy varieties with high export and local market potential enhancing farmers' income through sustainable agricultural practices, value addition, and market linkages.

Comprehensive Rice Fallow Management (CRFM) component focuses on transformation of fallow rice fields into productive lands using residual moisture for cultivating short-duration pulses and oilseeds, creating new income opportunities for rural communities as well as nutritional security of farmers.

In view of the effectiveness of the scheme and with an objective to diversify the crops through different components, “Crop Diversification Programme” has been extended for a further period of 3 years, i.e., 2025-26 to 2027-28 with an outlay of **Rs. 1523.98 Cr.**

Objectives

- Diversification from paddy to non-paddy crops in ayacut of MLIPs.
- Improvement Soil health.
- Awareness, capacity building and community mobilization of farmers on sustainability of cropping pattern and crop diversification.
- Promotion of indigenous paddy (aromatic/non-aromatic) having market potential.
- Increasing the export of indigenous paddy (aromatic/non-aromatic) to open new avenues of income for farmers.
- Up-scaling of Pulse area in Rice fallows leading to self-sufficiency in production of various pulses.
- Climate resilient & exploitation of residual soil moisture.
- Boosting the livelihood of the farmers through enhancement of income and nutrition.

Year-wise Financial Target

Sl. No.	Year	Financial Outlay in Cr.			
		CDP-MLIP	Promotion of Indigenous Paddy	Rice Fallow Management	Total
1	2025-26	96.15	66.99	409.31	572.45
2	2026-27	73.15	67.10	329.10	469.35
3	2027-28	60.15	61.12	360.91	482.18
Total		**229.45**	**195.21**	**1099.32**	**1523.98**

Implementation and Financial arrangements

The Scheme “Crop Diversification Programme” will be implemented over a period of three years i.e 2025-26 to 2027-28 with an estimated cost of Rs 1523.98 Cr out of State"s own resources under Programme expenditure.

ORDER

Ordered that the notification be published in the Extraordinary issue of *Odisha gazette*.

By Order of the Governor
ARABINDA KUMAR PADHEE
Principal Secretary to Government

କୃଷି ଓ କୃଷକ ସଶକ୍ତି କରଣ ବିଭାଗ

ଅଧିସୂଚନା

ତା ୨୭ ଅକ୍ଟୋବର ୨୦୨୫ ରିଖ

ନଂ.୨୩୬୮୫—DAFE-SPII-MISC-0027/2025/କୃଓକୃ.ସ — ତା ୨୫ ଅକ୍ଟୋବର, ୨୦୨୫ ରିଖରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ମନ୍ତ୍ରୀମଣ୍ଡଳର ୨୯ ତମ ବୈଠକରେ "ଫସଲ ବିବିଧିକରଣ ଯୋଜନା" ନିମନ୍ତେ ପାଣ୍ଠି ବ୍ୟବସ୍ଥାର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ଉପକ୍ରମ

ଫସଲ ବିବିଧିକରଣ କାର୍ଯ୍ୟକ୍ରମ (CDP) ହେଉଛି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ, ଯାହା ରାଜ୍ୟ ଯୋଜନା ଅଧୀନରେ ୨୦୨୨-୨୩ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମରେ ଅଣ-ଧାନ ଫସଲ ଚାଷ ସହିତ ଆପାଦ ଜନିତ କ୍ଷତିକୁ ହ୍ରାସ କରିବା ତଥା ଅଣ ଧାନ ଚାଷର ଗ୍ରହଣଶୀଳତାକୁ ସୁଦୃଢ କରିବା ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯାଏ । ଏହି ଯୋଜନା ବିଗତ ୩ ବର୍ଷ ଧରି ସଫଳତାର ସହିତ କାର୍ଯ୍ୟକାରୀ ହୋଇ ଆସୁଛି ଏବଂ ପ୍ରାୟ ୧୦ ଲକ୍ଷ ଚାଷୀ ଏହାଦ୍ୱାରା ଉପକୃତ ହୋଇଛନ୍ତି । ଯୋଜନାର ସଫଳତା ଏବଂ ଅଭିଜ୍ଞତାକୁ ଆଧାର କରି ବର୍ତ୍ତମାନ ରାଜ୍ୟରେ ଅଣ-ଧାନ ଫସଲ ଚାଷ କରିବା ସଙ୍ଗେ ସଙ୍ଗେ ସ୍ଥାନୀୟ ବଜାର/ରପ୍ତାନି ସମ୍ଭାବନା ଥିବା ଦେଶୀ/ସୁଗନ୍ଧିତ ଧାନଚାଷ କ୍ଷେତ୍ର ବୃଦ୍ଧି କରିବା ଏବଂ ଜମି ଓ ଜଳସମ୍ପଦର ସୁବିନିଯୋଗ ପାଇଁ ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ଅଧୀନରେ ଅଧିକ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରିବା ଉପରେ ଧ୍ୟାନ ଦିଆଯାଇଛି।

ଏହି ଯୋଜନାର ତିନୋଟି ପ୍ରମୁଖ ଉପାଂଶ ଅଛି।

- ବୃହତ ଉଠା ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ 'ଫସଲ ବିବିଧିକରଣ କାର୍ଯ୍ୟକ୍ରମ' (CDP-MLIP)
- ରପ୍ତାନି ଏବଂ ସ୍ଥାନୀୟ ବଜାର ସମ୍ଭାବନା ଥିବା ପାରମ୍ପରିକ ସୁଗନ୍ଧିତ/ଅଣ-ସୁଗନ୍ଧିତ ଧାନଚାଷର ବ୍ୟାପକୀକରଣ
- ଧାନ ପରବର୍ତ୍ତୀ ପଡିଆ ଜମିର ପରିଚାଳନା (CRFM)

ଏହି ଯୋଜନାରେ ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳର ଆୟକଟକୁ ଲକ୍ଷ୍ୟ ରଖି ସ୍ଥାୟୀ ଏବଂ ଲାଭଜନକ ଫସଲ ପଦ୍ଧତିକୁ ପ୍ରୋତ୍ସାହିତ କରାଯାଇପାରିବ, ଫଳରେ ଧାନଚାଷ ଉପରେ ଅତ୍ୟଧିକ ନିର୍ଭରଶୀଳତା ହ୍ରାସ ପାଇବ। ଏହା ପୁଞ୍ଜି ଭିତ୍ତିକ (Cluster) ପଦ୍ଧତିରେ କାର୍ଯ୍ୟକାରୀ କରାଯିବ ।

ଏହି କାର୍ଯ୍ୟକ୍ରମ ରପ୍ତାନୀ ଏବଂ ସ୍ଥାନୀୟ ବଜାର ସମ୍ଭାବନା ଥିବା ପାରମ୍ପରିକ ଦେଶୀ ସୁଗନ୍ଧିତ ଏବଂ ଅଣ-ସୁଗନ୍ଧିତ ଧାନ କିସମକୁ ପୁନରୁଦ୍ଧାର ଏବଂ ପ୍ରୋତ୍ସାହିତ କରିବ ତଥା କୃଷକଙ୍କ ଆୟ ବୃଦ୍ଧି କରିବ ।

ଧାନ ପରବର୍ତ୍ତୀ ପଡିଆ ଜମିର ପରିଚାଳନା (CRFM)ର ଆଭିମୁଖ୍ୟ ହେଉଛି ମୃତ୍ତିକାରେ ଥିବା ଅବଶିଷ୍ଟ ଆର୍ଦ୍ରତାର ବ୍ୟବହାର କରି ସ୍ୱଳ୍ପଅବଧି ବିଶିଷ୍ଟ ଡାଲି ଏବଂ ତୈଳବୀଜ ଚାଷ ପାଇଁ ଧାନ ଅମଳ ପରେ ପଡିଆ ପଡିଥିବା କ୍ଷେତକୁ ଉତ୍ପାଦକ ଜମିରେ ପରିଣତ କରିବା, ଗ୍ରାମୀଣ ଚାଷୀ ସମ୍ପ୍ରଦାୟ ପାଇଁ ନୂତନ ଆୟ ସୁଯୋଗ ସୃଷ୍ଟି କରିବା ଏବଂ କୃଷକଙ୍କ ପୁଷ୍ଟିକର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ।

ଯୋଜନାର ସଫଳତାକୁ ଦୃଷ୍ଟିରେ ରଖି ଏବଂ ବିଭିନ୍ନ ଉପାଦାନ ମାଧ୍ୟମରେ ଫସଲ ଚାଷରେ ବିବିଧତା ଆଣିବାର ଲକ୍ଷ୍ୟରେ, "ଫସଲ ବିବିଧିକରଣ କାର୍ଯ୍ୟକ୍ରମ" ଅବଧିକୁ ଆହୁରି ୩ ବର୍ଷ, ଅର୍ଥାତ୍ ୨୦୨୫ -୨୬ ରୁ୨୦୨୭-୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି, ଯାହାର ବ୍ୟୟଅଟକଳ ୧୫୨୩.୯୮ କୋଟି ଟଙ୍କାକୁ ଧାର୍ଯ୍ୟ କରାଯାଇଛି ।

ଉଦ୍ଦେଶ୍ୟ

- ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳ (MLIP)ରେ ଧାନରୁ ଅଣ-ଧାନଫସଲକୁ ରୂପାନ୍ତରିତ କରିବା।।
- ମୃତ୍ତିକା ସ୍ୱାସ୍ଥ୍ୟର ଉନ୍ନତି ।
- ଫସଲ ପର୍ଯ୍ୟାୟର ସ୍ଥାୟୀତ୍ୱ ଏବଂ ଫସଲ ବିବିଧତା ଉପରେ କୃଷକମାନଙ୍କ ମଧ୍ୟରେ ସଚେତନତା, କ୍ଷମତା ବୃଦ୍ଧି ଏବଂ ସମୂହ ସଚେତନତା ବୃଦ୍ଧି କରିବା ।
- ବଜାର ସମ୍ଭାବନା ଥିବା ଦେଶୀଧାନ (ସୁଗନ୍ଧିତ/ଅସୁଗନ୍ଧିତ)ର ପ୍ରୋତ୍ସାହନ।
- କୃଷକମାନଙ୍କ ପାଇଁ ନୂତନ ରୋଜଗାର ପନ୍ଥା ଖୋଲିବା ପାଇଁ ସ୍ୱଦେଶୀଧାନ (ସୁଗନ୍ଧିତ/ଅସୁଗନ୍ଧିତ) ରପ୍ତାନିକୁ ବୃଦ୍ଧିକରିବା।।
- ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିରେ ଡାଲି କ୍ଷେତ୍ରର ବୃଦ୍ଧି ଦ୍ୱାରା ବିଭିନ୍ନ ଡାଲି ଉତ୍ପାଦନରେ ଆତ୍ମନିର୍ଭରଶୀଳତା ଆଣିବା ।
- ଜଳବାୟୁ ପ୍ରତିରୋଧୀ ଏବଂ ମାଟିରେ ଥିବା ଅବଶିଷ୍ଟ ଆର୍ଦ୍ରତାର ସଦୁପଯୋଗ ।
- ଆୟ ଏବଂ ପୋଷଣ ବୃଦ୍ଧି ମାଧ୍ୟମରେ କୃଷକଙ୍କ ଜୀବିକା ସୁଦୃଢ କରିବା।।

ବର୍ଷୱାରୀ ଆର୍ଥିକ ଲକ୍ଷ୍ୟ

କ୍ରମିକ ନଂ	ବର୍ଷ	ଆର୍ଥିକ ବ୍ୟୟ (କୋଟିରେ)			
		CDP-MLIP	ଦେଶୀ ଧାନର ପ୍ରଚାର	ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା	ସମୁଦାୟ
୧	୨୦୨୫-୨୬	୯୬.୧୫	୬୬.୯୯	୪୦୯.୩୧	୫୬୨.୪୫
୨	୨୦୨୬-୨୭	୭୩.୧୫	୬୭.୧୦	୩୨୯.୧୦	୪୬୯.୩୫
୩	୨୦୨୭-୨୮	୬୦.୧୫	୬୧.୧୨	୩୬୦.୯୧	୪୮୨.୧୮
ମୋଟ		**୨୨୯.୪୫**	**୧୯୫.୨୧**	**୧୦୯୯.୩୨**	**୧୫୨୩.୯୮**

କାର୍ଯ୍ୟାନ୍ୱୟନ ଏବଂ ଆର୍ଥିକ ବ୍ୟବସ୍ଥା

"ଫସଲ ବିବିଧିକରଣ କାର୍ଯ୍ୟକ୍ରମ" ତିନି ବର୍ଷ ଅବଧି ମଧ୍ୟରେ ଅର୍ଥାତ୍ ୨୦୨୫ -୨୬ ରୁ ୨୦୨୭-୨୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ ଏବଂ ଏହି ବାବଦ ଖର୍ଚ୍ଚକୁ ରାଜ୍ୟର ନିଜସ୍ୱ ସମ୍ବଳରୁ ୧୫୨୩.୯୮ କୋଟି ଟଙ୍କା ବ୍ୟୟ କରାଯିବ ।

ନିର୍ଦ୍ଦେଶ

ଏହି ଅଧିସୂଚନାକୁ *ଓଡିଶା ରାଜପତ୍ର*ର ଆଗାମୀ ସଂଖ୍ୟାରେ ପ୍ରକାଶିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ
ଅରବିନ୍ଦ କୁମାର ପାଢୀ
ପ୍ରମୁଖ ଶାସନ ସଚିବ

Printed and Published by the Director, Printing, Stationery and Publication, Odisha, Cuttack-10
OGP/SBP Ex.Gaz.3808-183+100